# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

**19 May - 2024**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ନିକୋବର ଦ୍ୱୀପପୁଞ୍ଜ ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ

— ଆସନ୍ତା ୩୧ ତାରିଖରେ କେରଳ ଉପକୂଳ ଛୁଇଁବା ନେଇ ପାଣିପାଗ ବିଭାଗର ଅନୁମାନ

- ରାଜ୍ୟର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଶେଷ ପର୍ଯ୍ୟାୟରେ ସମସ୍ତ ପ୍ରସ୍ତୁତି

— ୫ଟି ଲୋକସଭା ଏବଂ ୩୫ଟି ବିଧାନସଭା ଆସନ ପାଇଁ ଆସନ୍ତାକାଲି ନିଆଯିବ ଭୋଟ

- ନିର୍ବାଚନୀ ସଭାରେ ଯୋଗଦେବା ପାଇଁ ଆଜି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଏବଂ

- ଉତ୍ତର-ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ବୃଦ୍ଧି ପାଉଛି ତାପମାତ୍ରା

## ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଜି ଦେଶର ଦକ୍ଷିଣତମ ଅଂଚଳ ନିକୋବର ଦ୍ୱୀପପୁଞ୍ଜ ଛୁଇଁଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ମାଲଦୀପର କିଛି ଅଂଶ ଏବଂ କାମୋରିନ୍ ଅଂଚଳ ଏବଂ ଦକ୍ଷିଣ ବଙ୍ଗୋପସାଗର ନିକୋବର ଦ୍ୱୀପଫୁଂଜ ଏବଂ ଦକ୍ଷିଣ ଆଣ୍ଡାମାନ ସାଗରର କିଛି ଅଂଶକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ  ଅଗ୍ରସର ହେଉଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ, ଚଳିତମାସ ୩୧ ତାରିଖ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ କେରଳତଟ ଛୁଇଁବ ବୋଲି ଆକଳନ କରାଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଚଳିତ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ। ଲା-ନିନା ପରିସ୍ଥିତି ଅନୁକୂଳ ଥିବାରୁ ଭାରତରେ ଚଳିତ ମୌସୁମୀ ଋତୁରେ ଭଲ ବର୍ଷା ହେବ ବୋଲି କୁହାଯାଇଛି।  ସୂଚନାଯୋଗ୍ୟ, ଦେଶର କୃଷିଭିତ୍ତିକ ଅର୍ଥନୀତି ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଉପରେ ନିର୍ଭର କରିଥାଏ। ମୋଟ୍ ଚାଷଜମିର ୫୨ ପ୍ରତିଶତ ଜଳସେଚନ ପାଇଁ ମୌସୁମୀ ବର୍ଷା ଉପରେ ନିର୍ଭର କରିବା ସହିତ ବିଦ୍ୟୁତ୍ ଉତ୍ପାଦନ ବ୍ୟତୀତ ପାନୀୟ ଜଳ ଏବଂ ଜଳଭଣ୍ଡାରଗୁଡ଼ିକରେ ଜଳ ସଂରକ୍ଷଣରେ ଏହି ମୌସୁମୀ ବର୍ଷା ସହାୟକ ହୋଇଥାଏ।

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଦେଶରେ ପଞ୍ଚମ ତଥା ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ ନିଆଯିବ। ଏହି ପର୍ଯ୍ୟାୟରେ ୮ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଲୋକସଭା ଆସନ ପାଇଁ ଭୋଟ୍

ନିଆଯିବ। ରାଜ୍ୟର ୫ଟି ସଂସଦୀୟ ଆସନ ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ଏବଂ ଏହି ସଂସଦୀୟ କ୍ଷେତ୍ରର ପରିସରରେ ଥିବା ୩୫ଟି ବିଧାନସଭା ଆସନ ଲାଗି ମତଦାନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟର ଅଣାଅସୀ ଲକ୍ଷ ଅଣସ୍ତରୀ ହଜାର ୮୮୭ ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ୧୮ରୁ ୧୯ ବର୍ଷ ବୟସ ବର୍ଗର ଯୁବ ଭୋଟର ସଂଖ୍ୟା ୨ ଲକ୍ଷ ୧୩ ହଜାର ୧୨୯ ରହିଛି। ସେହିପରି ୮୫ ବର୍ଷରୁ ଊର୍ଦ୍ଧ୍ୱ ୫୫ ହଜାର ୮୨୨ ଜଣ ମତଦାତା ରହିଥିବାବେଳେ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ୧ ହଜାର ୮୧୨ ଜଣ ଭୋଟର ଅଛନ୍ତି। ରାଜ୍ୟର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମୋଟ ୯ ହଜାର ୧୪୮ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି। ଏହି ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାର ଆସିକା ସଂସଦୀୟ କ୍ଷେତ୍ର ଏବଂ ଏହା ଅଧିନରେ ଥିବା ଖଲ୍ଲିକୋଟ, ପୋଲସରା, ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ହିଞ୍ଜିଳି, ସୋରଡ଼ା, ଆସିକା ଏବଂ ଭଞ୍ଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ପାଇଁ ପ୍ରସ୍ତୁତି ବିଷୟରେ ଆମର **ଗଞ୍ଜାମ** ସମ୍ବାଦଦାତା **ବିଭୁତି ଭୂଷଣ ତ୍ରିପାଠୀ** ଆକାଶବାଣୀକୁ କହିଛନ୍ତି ……

**- V/O –**

## ନିର୍ବାଚନ ସୁରକ୍ଷା ଡିଜି

ରାଜ୍ୟରେ ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ନିର୍ବାଚନର ସୁରକ୍ଷା ବ୍ୟବସ୍ଥା ନେଇ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି। ଆସନ୍ତାକାଲି ନିର୍ବାଚନ ଏବଂ ଇଭିଏମ୍ ମେସିନ୍‌ଗୁଡ଼ିକୁ ରଖିବା ପାଇଁ ୧୮ଟି ସ୍ଥାନରେ ଷ୍ଟ୍ରଙ୍ଗ୍‌ରୁମ୍‌ର ବ୍ୟବସ୍ଥା କରାଯାଇଛି। ନିର୍ବାଚନ ପାଇଁ ୩୩ ହଜାର ସୁରକ୍ଷାକର୍ମୀ ନିୟୋଜିତ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ନକ୍ସଲ ଅଧ୍ୟୁଷିତ ଅଂଚଳରେ ୫୫୬ଟି ବୁଥ୍ ରହିଥିବାରୁ ସେସବୁ ଅଂଚଳରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ପୁଲିସ୍ ମହାନିର୍ଦ୍ଦେଶକ କହିଛନ୍ତି।

## ନିର୍ବାଚନ କମଶନ-ଜବତ ଟଙ୍କା

ରାଜ୍ୟରେ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ବିଭିନ୍ନ ଏଜେନ୍ସି ଏବଂ ପୁଲିସ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୫୫କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ଜବତ କରିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ସେ କହିଛନ୍ତି, ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ୧୭କୋଟି ୧୮ଲକ୍ଷ ନଗଦ ଟଙ୍କା ଜବତ କରାଯାଇଛି । ଆସନ୍ତାକାଲି ହେବାକୁ ଥିବା ନିର୍ବାଚନ କ୍ଷେତ୍ରରୁ ୩କୋଟି ୧୭ଲକ୍ଷ ନଗଦ ଟଙ୍କା ଜବତ ହୋଇଛି । ଅନ୍ୟପକ୍ଷରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ଗତକାଲି ସୁଦ୍ଧା ଦେଶରେ ପ୍ରାୟ ୯ହଜାର କୋଟି ଟଙ୍କାର ସାମଗ୍ରୀ ଜବତ କରାଯାଇଛି ବୋଲି ଭାରତର ନିର୍ବାଚନ କମିଶନ

କହିଛନ୍ତି । ଏଥି ମଧ୍ୟରେ ଆଠଶହ ଅଣଚାଶ କୋଟି ନଗଦ ଟଙ୍କା  ଏବଂ ତିନିହଜାର ନଅଶହ ଅଠାବନ କୋଟି ଟଙ୍କାର ମାଦକ ଦ୍ରବ୍ୟ ଜବତ କରାଯାଇଛି ବୋଲି କମିଶନ କହିଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ଓଡିଶାଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ଆଜି ଦୁଇଦିନିଆ ଗସ୍ତରେ ଓଡିଶା ଆସୁଛନ୍ତି । ଶ୍ରୀ ମୋଦୀ ଆସନ୍ତାକାଲି ପୁରୀ ଗସ୍ତରେ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ବଡଦାଣ୍ଡରେ ଏକ ନିର୍ବାଚନୀ ରୋଡ ଶୋ'ରେ ଭାଗନେବେ । ପ୍ରଧାନମନ୍ତ୍ରୀ ଏହା ପରେ ଅନୁଗୋଳ ଯାଇ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ଏବଂ ଅପରାହ୍ନରେ କଟକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ସଭାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ରାଜନାଥ ସିଂଙ୍କ ଗସ୍ତ

ରାଜ୍ୟରେ ଆଉ ୩ଟି ପର୍ଯ୍ୟାୟ ନିର୍ବାଚନପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନୀ ପ୍ରଚାର ସରଗରମ ହୋଇଉଠିଛି ।  ବିଭିନ୍ନ ରାଜନୈତିକ ଦଳର ପୁରୁଖା ନେତା ଏବଂ ଷ୍ଟାର ପ୍ରଚାରକମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଲାଗି ଓଡ଼ିଶା ଆସି ପ୍ରଚାର କାର୍ଯ୍ୟରେ ଯୋଗ ଦେଉଛନ୍ତି । ଏହି କ୍ରମରେ  ଆଜି ବିଜେପିର ବରିଷ୍ଠ ନେତା ତଥା ପ୍ରତିରକ୍ଷାମନ୍ତ୍ରୀ **ରାଜନାଥ ସିଂ** ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ନାକଟିଦେଉଳଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ଭୋଟରମାନଙ୍କୁ

ସମ୍ବୋଧିତ କରିଛନ୍ତି, ବିଗତ ୭୫ ବର୍ଷରେ ରାଜ୍ୟର ବିକାଶ ହୋଇପାରିନାହିଁ। ତାଙ୍କ ସରକାର କ୍ଷମତାକୁ ଆସିଲେ ରାଜ୍ୟର ବିକାଶକୁ ଅଗ୍ରାଧିକାର ଦିଆଯିବ ବୋଲି ଶ୍ରୀ ସିଂ କହିଛନ୍ତି। ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କୁ ତୃତୀୟ ଥର ଲାଗି ଭୋଟ ଦେବାପାଇଁ ମନ୍ତ୍ରୀ ଶ୍ରୀ ସିଂ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ମୁଖ୍ୟମନ୍ତ୍ରୀ-ନିର୍ବାଚନ ପ୍ରଚାର

ଅନ୍ୟପକ୍ଷରେ ବିଜେଡି ଅଧ୍ୟକ୍ଷ ତଥା **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ଆଜି କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ୨ଟି ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ପ୍ରଥମେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସଦର ନିର୍ବାଚନମଣ୍ଡଳୀ ଏବଂ ପରେ ଆନନ୍ଦପୁର ନିର୍ବାଚନମଣ୍ଡଳୀ ସଭାରେ ଯୋଗଦେଇ ଶଙ୍ଖଚିହ୍ନରେ ଦୁଇଥର ଭୋଟ୍ ଦେବାପାଇଁ ମୁଖ୍ୟମନ୍ତ୍ରୀ ଭୋଟରମାନଙ୍କୁ ନିବେଦନ କରିଛନ୍ତି।

## ନିର୍ବାଚନ-ସୁବର୍ଣ୍ଣପୁର

ସୁବର୍ଣ୍ଣପୁର ଜିଲ୍ଲାର ୨ଟି ନିର୍ବାଚନମଣ୍ଡଳୀ ବୀରମହାରାଜପୁର ଓ ସୋନପୁର ବିଧାନସଭା ଆସନ ପାଇଁ ଆସନ୍ତାକାଲି ଭୋଟ ନିଆଯିବ। ମତଦାନ ପାଇଁ ମୋଟ ୫୮୬ଟି ଭୋଟ ଗ୍ରହଣ କେନ୍ଦ୍ର  କରାଯାଇଛି। ଏଥିରେ ୩ହଜାର ୫୧୬ଜଣ ପୋଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିଂ କର୍ମଚାରୀ ଓ ଅଧିକାରୀମାନେ ସେମାନଙ୍କର

ପୋଲିଂ ବୁଥ୍‌ରେ ପହଞ୍ଚିସାରିଛନ୍ତି। ଜିଲ୍ଲାର ୪ଲକ୍ଷ ୭୦ହଜାର ୪୯ଜଣ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ।

## ନିର୍ବାଚନ-କନ୍ଧମାଳ

ମାଓ ପ୍ରଭାବିତ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ଆସନ୍ତାକାଲି ମତଦାନ ପାଇଁ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଭୋଟ୍ ପାଇଁ ଜିଲାରେ ମୋଟ ୬୬୧ଟି ବୁଥ କରାଯାଇଛି। ନିର୍ବାଚନ କାର୍ଯ୍ୟକୁ ପରିଚାଳନା କରିବା ପାଇଁ ୩ ହଜାର ୯୬୭ ଜଣ ପୋଲିଂ ଅଧିକାରୀ ନିୟୋଜିତ ହୋଇଛନ୍ତି।

# କାର୍ବାଇଟ୍ ନିଷେଧ

ଆମ୍ବ ଏବଂ ଅନ୍ୟ ଫଳକୁ କୃତ୍ରିମ ଉପାୟରେ ପଚାଇବା ପାଇଁ ବ୍ୟବହାର କରାଯାଉଥିବା କ୍ୟାଲସିୟମ କାର୍ବାଇଟ୍ ବ୍ୟବହାରକୁ କେନ୍ଦ୍ର ସରକାର ନିଷେଧ କରିଛନ୍ତି । ସ୍ୱାସ୍ଥ୍ୟ ପ୍ରତି କ୍ୟାଲସିୟମ କାର୍ବାଇଟର ଖରାପ ପ୍ରଭାବକୁ ଦୃଷ୍ଟିରେ ରଖି ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ କର୍ତ୍ତୃପକ୍ଷ କାର୍ବାଇଟ୍ ବ୍ୟବହାର ନିଷେଧ ଆଇନର କଡା ଅନୁପାଳନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ଇଏସ୍‌ଆଇ ହସ୍‌ପିଟାଲ ଭୁବନେଶ୍ୱର

ଭୁବନେଶ୍ୱରସ୍ଥିତ କର୍ମଚାରୀ ରାଜ୍ୟ ବୀମା-ଇଏସ୍‌ଆଇ ହସ୍‌ପିଟାଲରେ କ୍ରିଟିକାଲ କେୟାର ୟୁନିଟ୍ ଖୋଲିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ

ନିଷ୍ପତ୍ତି ନିଆଯାଇଛି । ଘରୋଇ ଭାଗିଦାରୀରେ ଏହି ବ୍ୟବସ୍ଥା କରିବା ପାଇଁ ସରକାର ଯୋଜନା କରୁଥିବା ଜଣାପଡିଛି । ଇଏସ୍‌ଆଇ ହସ୍‌ପିଟାଲରେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନେଇ ରାଜ୍ୟ ସରକାର ଦୁଇଜଣ ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ବୈଷୟିକ କମିଟି ଗଠନ କରିଛନ୍ତି ।

## ପାଣିପାଗ

ଉତ୍ତର ଓ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ଓ ଗରମ ବାୟୁ ପ୍ରବାହ ବୃଦ୍ଧି ପାଉଥିବାରୁ ତାପମାତ୍ରା ବୃଦ୍ଧି ପାଉଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆଜିଠାରୁ ତାପମାତ୍ରା ବୃଦ୍ଧି ପାଇବ।

ଆସନ୍ତା ବୁଧବାର ଦିନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି। ଏହା କ୍ରମେ ଘନୀଭୂତ ହୋଇ ଉତ୍ତର-ପୂର୍ବ ଦିଗରେ ଗତି କରିବାର ସମ୍ଭାବନା ରହିଛି। ୨୪ ତାରିଖ ଆଡ଼କୁ ଲଘୁଚାପ ଅବପାତର ରୂପ ନେବ। ହେଲେ ଏହାର ପ୍ରଭାବ ଓଡ଼ିଶା ଉପରେ ରହିବା ନେଇ କୌଣସି ସଠିକ୍ ତଥ୍ୟ ମିଳିନାହିଁ।

*********************************